## ୬ ଅକ୍ଟୋବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼୍

ବଦର୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀ ଓ ଐତିହାସିକ ଘଟଣାବଳୀର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱରଅ.ବ କହିଲେ; ଗତ ଖୁତ୍‌ବାରେ ଅସ୍‌ମା ବିନ୍ତ ମରଓାନ୍‌ର ହତ୍ୟା ଘଟଣା ପ୍ରସଙ୍ଗରେ ଚର୍ଚ୍ଚା ଚାଲିଥିଲା ଏବଂ ମୁଁ କହିଥିଲି ଯେ ଏଥି ସଂକ୍ରାନ୍ତରେ ଆଉ ଏକ ଘଟଣା ମଧ୍ୟ ବର୍ଣ୍ଣନା କରା ଯାଇଥାଏ, ଯାହାକି ସଂପୂର୍ଣ୍ଣ ମନଗଢ଼ା ଓ କାଳ୍ପନିକ । ଏହି ଦ୍ୱିତୀୟ ଘଟଣାଟି ଅବୁ ଉଫକ୍ ୟହୁଦୀର ହତ୍ୟା ପ୍ରସଙ୍ଗ ଅଟେ ।

ଉକ୍ତ ଘଟଣାର ବିସ୍ତୃତ ବିବରଣୀ ଏପରି ବ୍ୟାଖ୍ୟା କରାଯାଇଥାଏ ଯେ, ଏକଦା ହଜରତ ମୁହମ୍ମଦସ.ଅ ନିଜ ଅନୁଚରମାନଙ୍କୁ କହିଲେ; କିଏ ଅଛି ଯେ ମୋ ପାଇଁ ସେହି ଦୁର୍ଜନ ଅର୍ଥାତ ଅବୁ ଉଫକ୍ (ୟହୁଦୀ)ର ମୁକାବିଲା କରିବ ଏବଂ ତାହାର କାମ ତମାମ କରିଦେବ? ଉକ୍ତ ବ୍ୟକ୍ତି ଅର୍ଥାତ ଅବୁ ଉଫକ୍ ଅତି ବୃଦ୍ଧବ୍ୟକ୍ତି ଥିଲା । ଏପରି କୁହାଯାଏ ଯେ, ସେତେବେଳେ ତାହାକୁ ୧୨୦ବର୍ଷ ବୟସ ହୋଇଯାଇଥିଲା । କିନ୍ତୁ ଏପରି ପରିଣତ ଅବସ୍ଥାରେ ଉପନିତ ହେବା ସତ୍ତ୍ୱେ ସେ ଲୋକମାନଙ୍କୁ ହଜୁର ସ.ଅଙ୍କ ଖିଲାଫ୍‌ରେ ଉତ୍ତେଜିତ କରାଉଥିଲା ଏବଂ ନିଜ କବିତାଗୁଡ଼ିକରେ ହଜୁର ସ.ଅଙ୍କ ନିନ୍ଦା ଓ ତିରସ୍କାର କରୁଥିଲା । ଅତଏବ ହଜରତ ମୁହମ୍ମଦ ସ.ଅଙ୍କ ଆଦେଶକ୍ରମେ ହଜରତ ସାଲିମ୍ ବିନ୍ ଉମେର୍ ଉଠିଲେ (ଏ ସେହି ଲୋକମାନଙ୍କ ମଧ୍ୟରୁ ଥିଲେ ଯେ, ଅଲ୍ଲାଃତାଲାଙ୍କ ଭୟରେ ଭୀଷଣ ରୋଦନ କରୁଥିଲେ ଏବଂ ସେ ବଦର ଯୁଦ୍ଧରେ ମଧ୍ୟ ସାମିଲ ଥିଲେ) ଓ କହିଲେ; ମୁଁ ଏହି ଆଦେଶ ପାଳନ କରିବି ଅର୍ଥାତ ମୁଁ ଏବେ ଉଫକ୍‌କୁ ହତ୍ୟା କରିଦେବି ନହେଲେ ଏହି ପ୍ରୟାସରେ ପ୍ରାଣ ତ୍ୟାଗ କରିବି । ସୁତରାଂ ସେଥିଅନ୍ତେ ସେ ଏହି ସୁଯୋଗକୁ ଉଣ୍ଡି ରହିଥିଲେ ଯେ, ଦିନେ ରାତ୍ର ସମୟରେ ଯେତେବେଳେ ଲୋକେ ଭୀଷଣ ଉଷ୍ମତାପରେ ଛଟପଟ ହେଉଥିଲେ । ଏହି ଅସହ୍ୟ ଗରମ ଯୋଗୁଁ ଅବୁ ଉଫକ୍ ନିଜ ଘର ପ୍ରାଙ୍ଗଣରେ ଶୋଇ ଥିଲା, ଯେ ଏହି ସୂଚନା ଉକ୍ତ ସାହାବିଙ୍କୁ ମିଳିଗଲା । ଅତଏବ ସେ ଏହି ସୁଯୋଗକୁ ହାତଛଡ଼ା ନକରି ସଙ୍ଗେସଙ୍ଗେ ଘରୁ ବାହାରି ପଡ଼ିଲେ । ସେଠାରେ ପହଞ୍ଚି ନିଜ ଖଣ୍ଡା ଅବୁ ଉଫକର ଛାତି ଉପରେ ରଖି ତାହା ଉପରେ ପୂର୍ଣ୍ଣ ଚାପ ପକାଇଦେଲେ । ଏପରିକି ଖଣ୍ଡା ତାହାର ଉଦର ଭେଦ କରି ଶୋଇଥିବା ଶେଜରେ ପ୍ରବେଶ କରିଗଲା । ଫଳତଃ ଅଲ୍ଲାଃଙ୍କ ଶତ୍ରୁ ଅବୁ ଉଫକ୍ ଏକ ଭୟଙ୍କର ଚିତ୍କାର କଲା । ତାହାର ଚିତ୍କାର ଶୁଣି ଲୋକମାନେ ତାହା ଆଡ଼କୁ ଧାଇଁ ଆସିଲେ ଏବଂ ତାହାର କିଛି ସାଥି ତାହାକୁ ଉଠାଇ ଘର ଭିତରକୁ ନେଇଗଲେ କିନ୍ତୁ ଉକ୍ତ ସାହାବୀଙ୍କ ସାଙ୍ଘାତିକ ଆଘାତରୁ ନିସ୍ତାର ନପାଇ ସେ ଶେଷ ନିଶ୍ୱାସ ତ୍ୟାଗ କରିଦେଲା ।

ମହାମାନ୍ୟ ହଜୁର ଅନଓ୍ୱରଅ.ବ ଏହି ଘଟଣାର ବ୍ୟାଖ୍ୟା କରି କହିଲେ; ଏହି ଘଟଣା ମଧ୍ୟ କୌଣସି ବିଶ୍ୱସ୍ତ ଓ ସ୍ୱଷ୍ଟବାଦୀ ବର୍ଣ୍ଣନାକାରୀ ଠାରୁ ଉଦ୍ଧୃତ ନୁହେଁ । ସିହାସିତ୍ତାରେ ମଧ୍ୟ ଏହି ଘଟଣାଟି ଉଲ୍ଲେଖ ନାହିଁ । ଯଦିଓ

ଜୀବନୀର କେତେକ ପୁସ୍ତକରେ ଏହି ଘଟଣାଟି ଉଲ୍ଲେଖ ରହିଛି ଯେପରି– ଅଲ୍‌ହଲବିୟା, ଶରାଃ ଜର୍‌କାନି, ତବକାତୁଲ୍ କୁବରା ଲିଇବ୍‌ନେ ସାଦ୍, ସିରତୁନ୍ ନବୱିୟା ଲିଇବ୍‌ନେ ହିଶାମ୍, ଅଲ୍ ବଦାୟା ଓ ଅଲ୍ ନହାୟା, କିତାବୁଲ୍ ମଗାଜୀ ଅଲ୍ ୱାକ୍‌ଦୀ ଓ ସବିଲୁଲ୍ ହୁଦା ଓର୍ ରଶାଦ୍ ଇତ୍ୟାଦି । କିନ୍ତୁ ଇତିହାସର ଅଧିକାଂଶ ପୁସ୍ତକରେ ଏହି ଘଟଣା ଚର୍ଚ୍ଚା ଦେଖିବାକୁ ମିଳି ନଥାଏ । ଉଦାହରଣ ସ୍ୱରୂପ ଅଲ୍ କାମିଲ୍ ଫି ଅତ୍‌ତାରିଖ, ତାରିଖେ ତିବରୀ, ତାରିଖେ ଇବ୍‌ନେ ଖୁଲଦୁଉନ୍ ଇତ୍ୟାଦି ।

ଏହି ଘଟଣା ସମ୍ପର୍କରେ ମଧ୍ୟ ଅସ୍‌ମାଙ୍କ ପରି ଏହି ସାକ୍ଷ୍ୟ ଉଲ୍ଲେଖ ରହିଛି ଯେ, ସମ୍ପୃକ୍ତ ବ୍ୟକ୍ତି ଜଣକ ହଜୁର [ସ.ଅ]ଙ୍କ ସହିତ ଶତ୍ରୁତା ଓ ତିକ୍ତତାରେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଥିଲା । ବଦର୍ ଯୁଦ୍ଧ ପରେ ଏହି ଶତ୍ରୁତା, ଘୃଣା ଓ ଦ୍ୱେଷାଚରଣରେ ଅଭିବୃଦ୍ଧି ଘଟିଥିଲା ଏବଂ ସେ ଖୋଲମଖୋଲା ବିଦ୍ରୋହ ଆରମ୍ଭ କରି ଦେଇଥିଲା । ଅବୁ ଉଫକ୍‌ର ହତ୍ୟା ଘଟଣାର ବର୍ଣ୍ଣନାରେ ଅଭ୍ୟନ୍ତରିଣ ମତଭେଦ ମଧ୍ୟ ଉକ୍ତ ଘଟଣାକୁ ସନ୍ଦେହଜନକ କରି ଦେଇଥାଏ । ଯେପରି **ପ୍ରଥମତଃ** ହତ୍ୟାକାରୀ ବ୍ୟକ୍ତି–ବିଶେଷ ପ୍ରସଙ୍ଗରେ ମତଭେଦ । ଇବ୍‌ନେ ସଈଦ୍ ଓ ୱାକ୍‌ଦୀଙ୍କ ରାଏ ଅନୁଯାୟୀ ଅବୁ ଉଫକ୍‌ର ହତ୍ୟାକାରୀ ସାଲିମ୍ ବିନ୍ ଉମେର୍ ଥିଲେ । ଯେତେବେଳେ ଉବ୍‌ନେ ଉକ୍‌ବାଙ୍କ ମତାନୁଯାୟୀ ସାଲିମ୍ ବିନ୍ ଅବଦୁଲ୍ଲାଃ ତାହାକୁ ହତ୍ୟା କରିଥିଲେ । **ଦ୍ୱିତୀୟତଃ** ହତ୍ୟା କରିବା ଉଦ୍ଦେଶ୍ୟରେ ମତଭେଦ । ଇବନେ ସଈଦ୍ ଓ ୱାକ୍‌ଦୀଙ୍କ ରାଏ ଅନୁଯାୟୀ ସାଲିମ୍ ସ୍ୱୟଂ ଉତ୍‌କ୍ଷିପ୍ତ ହୋଇ ତାହାକୁ ହତ୍ୟା କରିଥିଲେ । ଆଉ କିଛି ବର୍ଣ୍ଣନାନୁଯାୟୀ ହଜୁର [ସ.ଅ]ଙ୍କ ଆଦେଶକ୍ରମେ ଉଫକ୍‌ର ହତ୍ୟା କରା ଯାଇଥିଲା । **ତୃତୀୟ** କାରଣ ଧର୍ମଗତ ମତାନ୍ତର ଅଟେ । ଇବନେ ସଈଦ୍ ମତରେ ଅବୁ ଉଫକ୍ ଜଣେ ୟହୁଦୀ ବ୍ୟକ୍ତି ଥିଲା । ଯେତେବେଳେ କି ୱାକ୍‌ଦୀଙ୍କ କହିବାନୁଯାୟୀ ସେ ୟହୁଦୀ (ଧର୍ମାବଲମ୍ବୀ) ନଥିଲା । ପୁନଶ୍ଚ ହତ୍ୟା କାଳରେ ମଧ୍ୟ ମତଭେଦ ରହିଛି । ଇବ୍‌ନେ ସଈଦ୍ ଓ ୱାକ୍‌ଦୀଙ୍କ ରାଏ ଅନୁଯାୟୀ ଏହି ଘଟଣାଟି ଅସ୍‌ମା ବିନ୍ତ୍ ମରୱାନ୍‌ର ହତ୍ୟା ଘଟଣା ପରବର୍ତ୍ତୀ ଅଟେ । ଯେତେବେଳେ କି ଇବ୍‌ନେ ଇସହାକ୍ ଓ ଇବ୍‌ନେ ହିଶାମ୍ ଆଦିଙ୍କ କହିବାନୁଯାୟୀ ଏହି ଘଟଣାଟି ଅସ୍‌ମାଙ୍କ ହତ୍ୟା ଘଟଣାର ପୂର୍ବବର୍ତ୍ତୀ ଘଟଣା । ଏହି ସମସ୍ତ ମତପାର୍ଥକ୍ୟ ପ୍ରତିପାଦିତ କରୁଅଛି ଯେ ଉକ୍ତ ଘଟଣାଟି ସମ୍ପୂର୍ଣ୍ଣ ରୂପେ ମନଗଢ଼ା ଓ ମିଛ କାହାଣୀ, ଯେଉଁଥିରେ କୌଣସି ବାସ୍ତବତା ନାହିଁ ।

ଯଦି ଅନିଶ୍ଚିତତା ପୂର୍ବକ ଉକ୍ତ ଘଟଣାଟିକୁ ସତ୍ୟ ମନେକରି କରି ନିଆଯାଏ ତେବେ ମଧ୍ୟ ଏହାର ଅନ୍ୟ ଅପରାଧ ଯେପରିକି ଦେଶର ଶାସନ ମୂଖ୍ୟଙ୍କୁ ହତ୍ୟା କରିବା ପାଇଁ ଲୋକମାନଙ୍କୁ ଉସକାଇବା, ନିନ୍ଦନୀୟ କବିତା କହି ଯୁଦ୍ଧ କରିବାକୁ ଲୋକମାନଙ୍କ ମତି ଭ୍ରଷ୍ଟ କରିବା, ଦେଶରେ ଅରାଜକତା ଓ ଶାନ୍ତି ସୌହାର୍ଦ୍ଦ୍ୟ ଭଙ୍ଗ କରିବା ତଥା ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରିବା ଆଦି ହିଁ ତାହାର ମୃତ୍ୟୁ ଦଣ୍ଡାଦେଶ ପାଇଁ ଯଥେଷ୍ଟ । ଯେଉଁଥି ପାଇଁ ଅର୍ଥାତ ଯଦି ପ୍ରଶାସନ ବିରୁଦ୍ଧରେ ବିଦ୍ରୋହ କରିବା ପ୍ରମାଣିତ ହୋଇଯାଏ ତେବେ ଆଜି ମଧ୍ୟ ଏପରି ବ୍ୟକ୍ତିକୁ ଦେଶୀୟ ନିୟମାନୁଯାୟୀ ମୃତ୍ୟୁଦଣ୍ଡ ଦିଆଯାଇଥାଏ । ହଁ କେବଳ ଗାଳିଗୁଲଜ କରିବା ଏହି ହତ୍ୟାର (ମୂଳ) କାରଣ ନୁହେଁ । ଏହିପରି ଅସ୍‌ମାଙ୍କ ହତ୍ୟା ଘଟଣା ପରି ଏଠାରେ ମଧ୍ୟ ଅବୁ ଉଫକ୍‌ର ହତ୍ୟା ପରେ ୟହୁଦୀମାନେ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ କରିବା ପ୍ରମାଣିତ ନାହିଁ । **ସୁତରାଂ ସେମାନଙ୍କର ନିରବ ରହିବା ଉକ୍ତ ଘଟଣାଟି ନକଲି ଓ ମନଗଢ଼ା ହେବା ପ୍ରମାଣ ସିଦ୍ଧ କରୁଅଛି ।**

ଏକଥା ମଧ୍ୟ ସ୍ମରଣ ରଖିବା ଯୋଗ୍ୟ ଯେ, ଏହି ଘଟଣାଚକ୍ରର କାଳ ବଦର୍ ଯୁଦ୍ଧ ପୂର୍ବର ଅଥବା ତତ୍ ପଶ୍ଚାତର ବର୍ଣ୍ଣନା କରାଯାଏ । ସମସ୍ତ ଇତିହାସବିତ୍ ଏଥିରେ ଏକମତ ଯେ, ମୁସଲମାନ ଓ ୟହୁଦୀଙ୍କର ପ୍ରଥମ ପ୍ରତିବାଦ ବନୁ କେନ୍‌କାଃ ଯୁଦ୍ଧ ଅଟେ । ଯଦି ବଦର୍ ଯୁଦ୍ଧ ପୂର୍ବରୁ ଏପରି କୌଣସି ଘଟଣା ଘଟିଥାନ୍ତା ତେବେ ସେ ଉକ୍ତ ବର୍ଣ୍ଣନାର ପାଦଟୀକାରେ ନିଶ୍ଚିତ ଉଲ୍ଲେଖ କରିଥାନ୍ତେ ଏବଂ ୟହୁଦୀ ଅବୁ ଉଫକ୍ ଓ ଅସ୍‌ମାର ହତ୍ୟା ଘଟଣାକୁ ମୂଖ୍ୟ ପ୍ରସଙ୍ଗ କରି ମୁସଲମାନମାନଙ୍କ ଉପରେ ଆପତ୍ତି ବାଢ଼ି ଦେଇଥାନ୍ତେ ଯେ, ମୁସଲମାନମାନେ

ପ୍ରଥମେ ସେମାନଙ୍କ ସହିତ ବିବାଦ ସୃଷ୍ଟି କରିଥିଲେ । କିନ୍ତୁ କୌଣସି ଇତିହାସ ପୁସ୍ତକରେ ଏପରିକି (ଏବେକାର) ଜଣେ ହେଲେ ଯୁବ-ଐତିହାସିକ ମଧ୍ୟ ନିଜ ପୁସ୍ତକରେ ଯେ ଏହି ଘଟଣା ବର୍ଣ୍ଣନା କରିଛନ୍ତି, କୌଣସି ଆଲେଖ୍ୟ ମିଳୁ ନାହିଁ ଯେ, ମଦିନାର ୟହୁଦୀମାନେ ଉକ୍ତ ଘଟଣାକୁ ନେଇ କଦାଚିତ କୌଣସି ପ୍ରକାରର ପ୍ରଶ୍ନ ଉଠାଇ ଥିଲେ ଅଥବା ଉକ୍ତ ଘଟଣାକୁ କେନ୍ଦ୍ର କରି ହଟ୍ଟଗୋଳ କରିଥିଲେ । ଯଦି କୌଣସି ବ୍ୟକ୍ତି ମନରେ ଏପରି ଭାବନା ଉଦ୍ଭୃତ ହୁଏ ଯେ, ସମ୍ଭବତଃ ସେମାନେ ଆପତ୍ତି (ପ୍ରତିବାଦ) କରିଥିବେ କିନ୍ତୁ ମୁସଲମାନ ଐତିହାସିକମାନେ ତାହାକୁ ଉଲ୍ଲେଖ କରି ନାହାନ୍ତି । ତେବେ ଏହା ଏକ ମିଥ୍ୟା ଓ ଭିତ୍ତିହୀନ ଚିନ୍ତାଧାରା ହେବ କାରଣ କଦାପି କୌଣସି ମୁସଲମାନ ମୁହଦ୍‌ଦିସ୍ (ହଦିସ୍ ବର୍ଣ୍ଣନାକାରୀ) ଅଥବା ଐତିହାସିକମାନେ ଇସଲାମ୍ ବିରୋଧୀଙ୍କର କୌଣସି ଆପତ୍ତିକୁ ଗୁରୁତ୍ୱ ଦେଇ ନାହାନ୍ତି । ଉଦାହରଣ ସ୍ୱରୂପ ଯେତେବେଳେ ନଖ୍‌ଲା ଅଭିଯାନରେ ମକ୍କାର ଅମାନ୍ୟକାରୀ ମୁସଲମାନମାନଙ୍କ ଉପରେ ଏକ ସାଧାରଣ ପ୍ରସଙ୍ଗକୁ ନେଇ ଅର୍ଥାତ ସେମାନେ କୁଆଡ଼େ ପବିତ୍ର ମାସଗୁଡ଼ିକର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାର ଆପତ୍ତି କରିଥିଲେ । ଏହି ପ୍ରସଙ୍ଗରେ ମଧ୍ୟ ମୁସଲମାନ ଐତିହାସିକମାନେ ଅତ୍ୟନ୍ତ ସଙ୍କୋଚତାର ସହିତ ନିଜ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଅତଃ ଯଦି ସେହି ଅବସରରେ ୟହୁଦୀମାନଙ୍କ ନିକଟରୁ କୌଣସି ପ୍ରକାର ଆପତ୍ତି କରାଯାଇଥାନ୍ତା ତେବେ ଇତିହାସ ପୃଷ୍ଠାରେ ନିଶ୍ଚିତ ରୂପେ ତାହା ଉଲ୍ଲେଖ ରହିଥାନ୍ତା । ବସ୍ତୁତଃ ଯେଉଁ ଦିଗରୁ ଉକ୍ତ ଘଟଣାର ବିଶ୍ଳେଷଣ କଲେ ମଧ୍ୟ ତାହା ସଠିକ୍ ସାବ୍ୟସ୍ତ ହେଉ ନାହିଁ ଏବଂ ଏପରି ପ୍ରତୀତ ହେଉଛି ଯେ, ସମ୍ଭବତଃ କୌଣସି ପ୍ରଚ୍ଛନ୍ନ ଶତ୍ରୁ କୌଣସି  ମୁସଲମାନ ଆଡ଼କୁ ଏହି ଘଟଣାଟି ଇଙ୍ଗିତ କରି ବର୍ଣ୍ଣନା କରି ଦେଇଛି । ତତ୍ ପଶ୍ଚାତ ତାହା ମୁସଲମାନମାନଙ୍କ ବର୍ଣ୍ଣନାରେ ସ୍ଥାନ ପାଇଗଲା ଏବଂ କୌଣସି ଦୁର୍ବଳ ମୁସଲମାନ ନିଜ କବିଲା ଆଡୁ ଏହି ମିଥ୍ୟା ଗର୍ବ ଓ ଗରିମା ପ୍ରଦର୍ଶନ କରିବା ସକାଶେ ତାହା ସହିତ ସମ୍ପର୍କିତ କେତେକ ବ୍ୟକ୍ତି ଖଳ-ପ୍ରବୃତ୍ତି ଅମାନ୍ୟକାରୀଙ୍କୁ ହତ୍ୟା କରିଥିଲେ । ଏହି ବର୍ଣ୍ଣନା ଇତିହାସରେ ଅନ୍ତର୍ଭୁକ୍ତ କରିଦେଲେ । ଅଲ୍ଲାଃତାଲା ହିଁ ସର୍ବଜ୍ଞ ଅର୍ଥାତ ତାଙ୍କୁ ହିଁ ସକଳ ପ୍ରସଙ୍ଗ ଜ୍ଞାତ ।

ହଜରତ ମିର୍ଜା ବଶିର ଅହେମଦ ସାହେବ ଅସ୍‌ମା ଓ ଅବୁ ଉଫକ୍‌ର ହତ୍ୟା ହେବାର ମିଥ୍ୟା ଘଟଣା ସ୍ୱରଚିତ ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ ଚର୍ଚ୍ଚା କରିଛନ୍ତି ଯେ, ବଦର୍ ଯୁଦ୍ଧ ଅନ୍ତେ ୱାକ୍‌ଦୀ ଓ ଅନ୍ୟ କେତେକ ଇତିହାସବିତ୍ ଦୁଇଟି ଏପରି ଘଟଣା ଦରଜ କରିଛନ୍ତି ଯାହାର ହଦିସ୍ ଓ ଇତିହାସ ପୁସ୍ତକରେ କୌଣସି ସୁରାକ ମିଳୁ ନାହିଁ । ଦରାୟତନ୍ (ହଦିସ୍‌ର ବର୍ଣ୍ଣନାରେ କୌଣସି ତ୍ରୁଟିବିଚ୍ୟୁତ) ଦୃଷ୍ଟିରୁ ମଧ୍ୟ ଉକ୍ତ ପ୍ରସଙ୍ଗର ନିରୀକ୍ଷା କଲେ ତାହା ସଠିକ୍ ପ୍ରାମାଣିତ ହେଉ ନାହିଁ । କିନ୍ତୁ ଯେହେତୁ ସେମାନଙ୍କୁ ହଜରତ ମୁହମ୍ମଦ ସ.ଅଙ୍କ ଖିଲାଫ୍ ଅଭିଯୋଗ ଆଣିବାର ଏହା ଏକ ସୁନ୍ଦର ଅବସର ଯୋଗଇ ଦେଇଥିଲା ତେଣୁକରି କେତେକ ଖ୍ରୀଷ୍ଟଧର୍ମୀ ଇତିହାସବିତ୍ ନିଜ ଅଭ୍ୟାସଗତ ଆଚରଣ ଯୋଗୁଁ ଏହାର ଆଲୋଚନା କରି ଦେଇଛନ୍ତି । **କିନ୍ତୁ ବାସ୍ତବରେ ଜେରା ଓ ସମାଲୋଚନା ସମ୍ମୁଖରେ ଏହି ଘଟଣା ସଠିକ୍ ପ୍ରମାଣ ସିଦ୍ଧ ହେଉ ନାହିଁ ।**

ପ୍ରଥମ ଦଲିଲ୍ ଯାହାକି ତାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ସନ୍ଦେହ ଉତ୍ପନ୍ନ କରିଥାଏ, ଏହିକି ଯେ ଆହାଦିସ୍‌ରେ ସେହି ଘଟଣାଗୁଡ଼ିକର ପତା ମିଳୁ ନାହିଁ । ବରଂ ହଦିସ୍ ତ ଦୂରେ ଥାଉ କେତେକ ଇତିହାସବିତ୍ ଉକ୍ତ ଘଟଣା ଆଡ଼କୁ ସାମାନ୍ୟତମ ଇଙ୍ଗିତ ମଧ୍ୟ କରି ନାହାନ୍ତି । ଯେତେବେଳେ କି ଯଦି ଏପରି କୌଣସି ଘଟଣା ଘଟିଥାନ୍ତା ତେବେ କୌଣସି କାରଣ ନଥିଲା ଯେ, ତାହା ହଦିସ୍ ଓ ଇତିହାସର ପୁସ୍ତକରେ ସ୍ଥାନ ପାଇବାରୁ ବର୍ଜି ରହିଥାନ୍ତା । ଏହିସ୍ଥଳେ ଏହି ସନ୍ଦେହ କରାଯାଇ ପାରିବ ନାହିଁ ଯେ, ସେହି ଘଟଣାମାନରୁ ପ୍ରକାଶ୍ୟ ରୂପେ ହଜୁର[ସ.ଅ] ଓ ଆପଣ [ସ.ଅ]ଙ୍କ ସାହାବାଙ୍କ ବିରୁଦ୍ଧରେ ଏକ ଗୌଣ୍ୟ ଆପତ୍ତି ଉଦ୍ଭୃତ ହେଉଥିଲା । ଏଥିସକାଶେ ମୁହଦ୍‌ଦିସିନ୍ ଓ କେତେକ ଇତିହାସବିତ୍ ତାହାର ଚର୍ଚ୍ଚା କରିବାରୁ ନିବୃତ୍ତ ରହିଗଲେ । କାରଣ **ପ୍ରଥମତଃ** ଉକ୍ତ ଘଟଣା ସେହି ଅବସ୍ଥାକୁ ଦୃଷ୍ଟିରେ ରଖି ଯେପରିକି ତାହା ଘଟିଥିଲା ଆପତ୍ତିଜନକ ନୁହେଁ । **ଦ୍ୱିତୀୟତଃ** ଯେଉଁ ବ୍ୟକ୍ତି ହଦିସ୍ ଓ ଇତିହାସ

ପୁସ୍ତକଗୁଡ଼ିକର ଈଷତ୍ ମାତ୍ର ଅଧ୍ୟୟନ କରିଥିବ ତେବେ ତାହା ବୁଦ୍ଧିଜ୍ଞାନ ପରିସରରୁ ଏହା ଲୁକ୍କାୟିତ ରହିପାରିବ ନାହିଁ, ଯେ ମୁସଲମାନ ମୁହଦ୍‌ଦିସିନ୍ ଓ ଇତିହାସବିତ୍ କଦାପି କୌଣସି ବର୍ଣ୍ଣନାକୁ କେବଳ ଏଥିପାଇଁ ବାଦ ଦେଇଦେଲେ, ଯେ ଏଥିରେ ଇସଲାମ୍ ଓ ଇସଲାମର ପ୍ରତିଷ୍ଠାତା (ହଜରତ ମୁହମ୍ମଦ [ସ.ଅ]ଙ୍କ) ଉପରେ ଆପତ୍ତି ଉତ୍‌ଥାପିତ ହୋଇଥାଏ । ଯାହାର କାରଣ ଏହିକି ଯେ, **ତାଙ୍କର ପ୍ରଚଳିତ ପ୍ରଥା ଥିଲା କି ଯେଉଁ ପ୍ରସଙ୍ଗକୁ ସେମାନେ ହଦିସ୍‌ର ବର୍ଣ୍ଣନାରୁ ସଠିକ୍ ପାଇଥାନ୍ତି ତାହାକୁ ନକଲ କରିବାରେ କୌଣସି ପ୍ରକାର ଅବହେଳା ପ୍ରଦର୍ଶନ କରୁ ନଥିଲେ ।** ପାଶ୍ଚାତ୍ୟ ଇତିହାସବିତ୍ ମିଷ୍ଟର ମାରଗୋଲସ୍ ଯେପରି (ଈର୍ଷାପରାୟଣ) ବ୍ୟକ୍ତି ଯେ ପ୍ରତ୍ୟେକ ପ୍ରସଙ୍ଗରେ ବିରୁଦ୍ଧାତ୍ମକ ଦିଗକୁ ଆପଣାଇ ଥାଏ, ଏହି ଘଟଣା ପରିପ୍ରେକ୍ଷୀରେ ସେ ମୁସଲମାନମାନଙ୍କୁ ଦୋଷୀ ସାବ୍ୟସ୍ତ କରି ନାହିଁ ।

ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; ଏସବୁ କାଳ୍ପନିକ ଗଳ୍ପ ଯାହାକି ହଜରତ ମୁହମ୍ମଦ [ସ.ଅ]ଙ୍କ ଆଡ଼କୁ ଇଙ୍ଗିତ କରାଯାଉଛି । ଏହି ରଚନାକାରୀମାନେ ଯାହା ଉଲ୍ଲେଖ କରିଛନ୍ତି, ଆବଶ୍ୟକ ଥିଲା କି ପରବର୍ତ୍ତୀ ସମୟରେ ତାହାର ସଠିକ୍ ରୂପେ ବିଶ୍ଳେଷଣ କରାଯାଇଥାନ୍ତା । ଏହା ଅଲ୍ଲାଃତାଲାଙ୍କର କୃପା ଓ କୃତଜ୍ଞତା ଯେ, ସେ ଆମକୁ ଯୁଗାବତାରଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କଲେ । **ଯାହାଙ୍କ ମାର୍ଗଦର୍ଶନ କ୍ରମେ ଆମେ ପ୍ରତ୍ୟେକ ପ୍ରସଙ୍ଗକୁ ଦେଖି, ପରଖି ଓ ତାହାର ବାସ୍ତବତାକୁ ବୁଝି ତାହା ବର୍ଣ୍ଣନା କରିବାକୁ ଚେଷ୍ଟା କରିଥାଉ** ତଥା ଏପରି କୌଣସି ପ୍ରକାର ଅଭିଯୋଗ ଓ ଆକ୍ଷେପ ଯାହାକି ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କ ପବିତ୍ର ବ୍ୟକ୍ତିତ୍ୱ ଉପରେ କରାଯାଇଥାଏ, ତାହାକୁ ରଦ୍ଦ କରିବାକୁ ପ୍ରୟାସ କରିଥାଉ । ଅଲ୍ଲାଃତାଲା ଏହି ଧାର୍ମିକ ବିଦ୍ୱାନମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯେ, ଏପରି କଥନକୁ ପ୍ରସାରିତ କରି ନିଜ ସ୍ୱାର୍ଥ ହାସଲ କରିଥାନ୍ତି । ଇସଲାମ୍‌କୁ ବଦ୍‌ନାମ କରିବାକୁ ଚେଷ୍ଟା କରିଥାନ୍ତି । ଏମିତି ତ ସେମାନେ ନିଜକୁ ଇସଲାମର ସେବକ ବୋଲାଇଥାନ୍ତି କିନ୍ତୁ ବାସ୍ତବରେ ସେମାନଙ୍କ କାର୍ଯ୍ୟକଳାପ ସମାଜକୁ କଠୋରତାବାଦୀ କରି ଚାଲିଛି । ଅଲ୍ଲାଃତାଲା ସେମାନଙ୍କର ଚକ୍ଷୁ ଉନ୍ମୁକ୍ତ କରାନ୍ତୁ ।ଓଁ

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ଅଧ୍ୟାପକ ଡ଼ାଃ ନାସିର ଅହେମଦ ଖାଁ ସାହେବ ପରବେଜ୍ ଯେ କି କାନେଡ଼ା ଦେଶର ନିବାସୀ ଥିଲେ, ଶ୍ରୀମାନ ଶରିଫ୍ ଅହେମଦ ଭଟ୍ଟି ରବଓ୍ୱା ନିବାସୀ, ଅଧ୍ୟାପକ ଅବଦୁଲ୍ କାଦିର୍ ଡ଼ାହରୀ ସାହେବ ଯେକି ନଓାବଶାଃର ପୂର୍ବତନ ଅମିର ଜମାଅତ ଥିଲେ ଏବଂ ଅଧ୍ୟାପକ ଡ଼ାଃ ମୁହମ୍ମଦ ଶରିଫ୍ ଖାଁ ସାହେବ ଯେକି ଆମେରିକା ନିବାସୀ ଥିଲେ, ସମସ୍ତଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ଓ ଜମାଅତୀୟ ସେବାର ଆଲୋଚନା କଲେ ଏବଂ ନମାଜ ଜୁମା ପରେ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା ମଧ୍ୟ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍‌କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।